ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-1383-3/3/21



## ମୁଖ୍ୟ ଶାସନ ସଚିବଙ୍କର ଓ.ଏ.ଏସ୍. ଶିକ୍ଷାନବିଶଙ୍କୁ ତାଲିମ୍

## ଲୋକଙ୍କ ସହ ସିଧାସଳଖ କଥା ହୁଅ, ସହୃଦୟତାର ସହ ଶୁଣ ଏବଂ ନିରପେକ୍ଷ ଭାବେ ନିଷ୍ପତ୍ତି ନିଅ

## 'ମୋ ସରକାର' ଆଦର୍ଶ ଅନୁସାରେ କାର୍ଯ୍ୟକର

**ଭୁବନେଶ୍ୱର, ୩/୩/୨୧**

ଲୋକମାନଙ୍କ ସହ ସିଧାସଳଖ କଥାହୋଇ ସହୃଦୟତାର ସେମାନଙ୍କର କଥା ଶୁଣିବା ସହ ନିରପେକ୍ଷ ଭାବେ ନିଷ୍ପତ୍ତି ନେଇ କାର୍ଯ୍ୟକରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଓଡ଼ିଶା ପ୍ରଶାସନିକ ସେବା ଶିକ୍ଷାନବିଶ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନ ରେ ଆୟୋଜିତ ଆନୁଷ୍ଠାନିକ ତାଲିମ୍ ପର୍ଯ୍ୟାୟର ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀ ମହାପାତ୍ର ଏହା କହିଛନ୍ତି ।

କୋଭିଡ୍ ସମୟରେ ଶିକ୍ଷାନବିଶ ମାନେ କ୍ଷେତ୍ରସ୍ତରରେ କରିଥିବା ପ୍ରଶଂସନୀୟ କାର୍ଯ୍ୟପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇବାସହ ଶ୍ରୀ ମହାପାତ୍ର କହିଥିଲେ ଯେ ବୃତ୍ତିଗତ ଜୀବନର ଆରମ୍ଭରୁ ହିଁ ଆପଣମାନେ ଏକ ଅଭୁତପୂର୍ବ ମହାମାରୀର କ୍ଷେତ୍ରସ୍ତରୀୟ ପରିଚାଳନା ଅଭିଜ୍ଞତା ହାସଲ କରିଛନ୍ତି । ଏଥିରୁ ଉପଲବ୍‌ଧ ଶିକ୍ଷାକୁ ଠିକ୍ ଭାବରେ ମନେରଖି ଭବିଷ୍ୟତର କୌଣସି ସମ୍ଭାବ୍ୟ ସାଧାରଣ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସମାଧାନରେ ସଫଳ ଭାବେ ପ୍ରୟୋଗ କରିପାରିବେ ।

ପୁନଶ୍ଚ, ଶ୍ରୀ ମହାପାତ୍ର କହିଥିଲେ ଯେ ଜଣେ ଓ.ଏ.ଏସ୍ ଅଧିକାରୀ ଭାବେ ଆପଣମାନେ ବହୁଭାବରେ ଲୋକମାନଙ୍କୁ ସେବା କରିପାରିବେ । ଅନ୍ୟାନ୍ୟ ବିଭାଗୀୟ କ୍ୟାଡ଼ର ମାନଙ୍କରେ ହୁଏତ ଆପଣମାନେ ଏତେ ବ୍ୟପକ ସୁଯୋଗ ଆପଣ ପାଇ ନଥାନ୍ତେ ।

ରାଜ୍ୟ ସରକାରଙ୍କ 'ମୋ ସରକାର' ଆଦର୍ଶ ଅନୁସାରେ କାର୍ଯ୍ୟ କରିବାକୁ ଶ୍ରୀ ମହାପାତ୍ର ଶିକ୍ଷାନବିଶ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ 'ମୋ ସରକାର' ବ୍ୟବସ୍ଥା ଏକ ଅଭିନବ, ପ୍ରଗତିଶୀଳ ଏବଂ ନାଗରିକ-କେନ୍ଦ୍ରିକ ବ୍ୟବସ୍ଥା । ଏହା ମାଧ୍ୟମରେ ଗଣତନ୍ତ୍ର ଅଧିକ ସଫଳ ଏବଂ ବୁଦ୍ଧିମନ୍ତ ହେବ । ମୁଖ୍ୟ ଶାସନ ସଚିବ କହିଥିଲେ ଆପଣମାନଙ୍କର କାର୍ଯ୍ୟାଳୟ ଏବଂ କାର୍ଯ୍ୟଧାରା ଏପରି ହେବା ଉଚିତ ଯାହା ଦ୍ୱାରା ଜଣେ ନାଗରିକ ଅନୁଭବ କରିବ ଯେ ଏହା 'ମୋ ସରକାର ଏବଂ ଏହି ବ୍ୟବସ୍ଥା ମୋ ପାଇଁ କାମ କରୁଛି' । ନାଗରିକମାନଙ୍କ ମନରେ ଏପରି ଭାବନା ସୃଷ୍ଟି ହେଲେ ଆପଣମାନେ ଅଧିକ ସୁବିଧା, ସହଯୋଗ ଓ ସନ୍ତୋଷର ସହ ନିଜର କାର୍ଯ୍ୟ କରିପାରିବେ ।



ସ୍ୱଚ୍ଛତା, ନିରପେକ୍ଷତା ଏବଂ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଲୋକମାନଙ୍କର ବିଶ୍ୱାସ ଜିତିବା ସହ ନିଜର ସଫଳ ବୃତ୍ତିଗତ କ୍ୟାରିଅର ତିଆରି କରିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ସେ ଆହୁରି ମଧ୍ୟ ସୂଚାଇ ଦେଇଥିଲେ ଯେ ଆପଣମାନେ ସର୍ବଦା ମନେରଖିଥିବେ ଯେ ଆପଣମାନେ ସମାଜ ଓ ଜନସାଧାରଣଙ୍କ ସେବକ । ଏହା ମଧ୍ୟ ମନେରଖିବେ ସମସ୍ତେ ସବୁବେଳେ ଆପଣଙ୍କୁ ଲକ୍ଷ କରୁଛନ୍ତି । 'ମୋ ସରକାର' ବ୍ୟବସ୍ଥା ମାଧ୍ୟମରେ ଆପଣଙ୍କ କାର୍ଯ୍ୟକଳାପ ବିଷୟ ସୂଚନା ମଧ୍ୟ ସରକାର ପାଉଛନ୍ତି । ଏହି ବ୍ୟବସ୍ଥା ମାଧ୍ୟମରେ ଲଗାତାର ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ନାଗରିକ ମାନଙ୍କଠାରୁ ସେବା ପ୍ରାପ୍ତି ସମ୍ବନ୍ଧିତ ମତାମତ ନିଆଯାଉଛି । କୌଣସି ଅଧିକାରୀଙ୍କ ବିଷୟରେ ଲଗାକାର ନିର୍ଭରଯୋଗ୍ୟ ଖରାପ ମତାମତ ମିଳିଲେ, ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ଶସନ ସଚିବ ସତର୍କ କରାଇ ଦେଇଥିଲେ ।

ଶିକ୍ଷାନବିଶ ମାନଙ୍କ ସନ୍ଦେହ ମୋଚନ କରିବାକୁ ଯାଇ ଶ୍ରୀ ମହାପାତ୍ର ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ଏବଂ କନ୍ଧମାଳ ଦଙ୍ଗା ପରିଚାଳନା ଅଭିଜ୍ଞତା କଥା କହିଥିଲେ । ସେ କହିଥିଲେ ଯେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ କୌଣସି ସାଧାରଣ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ । ଲୋକମାନଙ୍କ ସହ ସିଧାସଳଖ ଲଗାତାର ଆଲୋଚନା ମାଧ୍ୟମରେ ସମସ୍ୟାର ମୂଳ କାରଣରେ ପହଞ୍ଚିବାକୁ ହେବ । ସେହି କାରକ ର ନିରାକରଣ ହେଲେ ହିଁ ଲୋକମାନଙ୍କ ମନରେ ଥିବା କ୍ଷତ ଆରୋଗ୍ୟ ହେବ, ଏବଂ ସମସ୍ୟାର ସ୍ଥାୟୀ ସମାଧାନ ହେବ ।

ଉପଯୁକ୍ତ ଜୀବନଚର୍ଯ୍ୟା ମାଧ୍ୟମରେ ନିଜର ଶରୀର ଓ ମନକୁ ସୁସ୍ଥ ରଖିବା ପାଇଁ ଶ୍ରୀ ମହାପାତ୍ର ଶିକ୍ଷାନବିଶ ମାନଙ୍କୁ ପରାମର୍ଶ ଦେଇଥିଲେ । ଶରୀର ଓ ମନ ସୁସ୍ଥ ରହିଲେହିଁ ଆପଣମାନେ ତ୍ୱରିତ ଗତିରେ ଉପଯୁକ୍ତ ସେବା ଯୋଗାଇବା ସହ ନିଜ ପାଇଁ ଏକ ସଫଳ ବୃତ୍ତିଗତ ଜୀବନ ଗଢ଼ିପାରିବେ ବୋଲି ଶ୍ରୀ ମହାପାତ୍ର କହିଥିଲେ ।

ଏହି ଉଦ୍‌ଘାଟନୀ ଅଧିବେଶନରେ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଏସ୍. ପି. ଠାକୁର ନିଜର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ବିଷୟରେ ଶିକ୍ଷାନିବିଶ ମାନଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ଠାକୁର ଜଣାଇଥିଲେ ଯେ ବର୍ତ୍ତମାନ ତାଲିମ୍ ନେଉଥିବା ଅଧିକାରୀ ମାନେ ୨୦୧୮ ମସିହା ବ୍ୟାଚ୍‌ର । କୋଭିଡ୍ ସମୟରେ ରାଜ୍ୟର ଅଧିକ ପ୍ରଭାବିତ ଅଂଚଳ ମାନଙ୍କରେ କାମମରି ଏମାନେ କ୍ଷେତ୍ରସ୍ତରୀୟ ତାଲିମ୍ ନେଇଛନ୍ତି । ଏହି ବ୍ୟାଚ୍‌ରେ ସମୁଦାୟ ୬୨ ଜଣ ଶିକ୍ଷାନିବିଶ ଅଛନ୍ତି ଯେଉଁମାନଙ୍କ ମଧ୍ୟରୁ ୨୯ ଜଣ ମହିଳା । ପ୍ରତିଷ୍ଠାନର ଅତିରିକ୍ତ କମିଶନର ଶ୍ରୀ ହିମାଂଶୁ ଭୂଷଣ ପଣ୍ଡା ଜଣାଇଥିଲେ ଯେ ଏହି ଆନୁଷ୍ଠାନିକ ତାଲିମ୍ ଜୁନ୍ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଶ୍ରୀ ପଣ୍ଡା ଉଦ୍‌ଘାଟନୀ ଅଧିବେଶନରେ ସ୍ୱାଗତ ସମ୍ଭାଷଣ ଦେବାସହ ତାଲିମ୍ କାର୍ଯ୍ୟ ସଂଯୋଜନା କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ